**BALABHADRA SKILL DEVELOPMENT ACADEMY**
**SPOKEN ENGLISH PRACTICE LESSON – 27**

**SANATAN DHARMA**

| Sl. | English | ଓଡିଆ |
|---|---|---|
| 1. | Sanatan Dharma is the oldest religion on the earth. It developed in Bharat Varsa and spread to different parts of the world. | ସନାତନ ଧର୍ମ ପୃଥିବୀର ସର୍ବ ପୁରାତନ ଧର୍ମ । ଏହା ଭାରତବର୍ଷରେ ବିକଶୀତ ହୋଇ ପୃଥିବୀର ବିଭିନ୍ନ ସ୍ଥାନକୁ ବ୍ୟାପିଅଛି \| |
| 2. | Sanatan dharma is a set of guidelines for sustainable human civilisation on earth. | ପୃଥିବୀରେ ସ୍ଥାୟୀ ମାନବ ସଭ୍ୟତା ପାଇଁ ସନାତନ ଧର୍ମ ଏକ ନିର୍ଦ୍ଦେଶାବଳୀ ଅଟେ \| |
| 3. | It develops sense of brotherhood amongst all human beings. | ଏହା ସମସ୍ତ ମଣିଷସମାଜ ମଧ୍ୟରେ ଭାଇଚାରା ଭାବନାକୁ ବିକଶୀତ କରେ \| |
| 4. | It develops respect for nature and helps for sustainable human civilization. | ଏହା ପ୍ରକୃତି ପ୍ରତି ସମ୍ମାନ ଜାଗ୍ରତ କରେ ଏବଂ ସ୍ଥାୟୀ ମାନବ ସଭ୍ୟତା ପାଇଁ ସହାୟକ ହୁଏ \| |
| 5 | It develops idea of oneness i.e. all inclusiveness. All human beings are brothers and sisters. | ଏହା ଏକତାର ଅବଧାରଣା ଯଥା ସମସ୍ତ ଅନ୍ତର୍ଭୂକ୍ତତା ବିକଶୀତ କରେ \| ସମସ୍ତ ମଣିଷ ଭାଇ ଓ ଭଉଣୀ ଅଟନ୍ତି \| |
| 6. | It develops attitude of gratitude towards environment and society. | ଏହା ପରିବେଶ ଏବଂ ସମାଜ ପ୍ରତି କୃତଜ୍ଞତାର ମନୋଭାବ ଜାଗ୍ରତ କରେ\| |
| 7. | It develops social attributes (Social Quotient, Emotional Quotient and Adversity Quotient) in human beings. It makes them tolerant, loving, free from ego, equi-poised in happiness and misery, ever contended, self controlled, honest, free from hatred and compassionate. | ଏହା ମଣିଷ ମଧ୍ୟରେ ସାମାଜିକ ଗୁଣର ବିକାଶ କରେ (ସାମାଜିକତା, ଭାବପ୍ରବଣତା, ପ୍ରତିକୂଳତା) \| ତାକୁଂ ସହନଶୀଳ, ସ୍ନେହୀ, ଅହଙ୍କାଂର ମୁକ୍ତ, ସୁଖ ଏବଂ ଦୁଃଖରେ ସମଭାବ, ସର୍ବଦା ସନ୍ତୁଷ୍ଟ, ଆତ୍ମ ନିୟନ୍ତ୍ରିତ, ସଚ୍ଚୋଟ, ଘୃଣା ମୁକ୍ତ ଏବଂ ଦୟାଳୁ କରେ \| |
| 8. | Every man on earth follows above principles for healthy social and family life. Hence, they can be called Sanatani. | ସୁସ୍ଥ ସାମାଜିକ ଏବଂ ପାରିବାରିକ ଜୀବନ ପାଇଁ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ଉପରୋକ୍ତ ନୀତି ଅନୁସରଣ କରନ୍ତି \| ସେଥିପାଇଁ ସେମାନଙ୍କୁଂ ସନାତନୀ କହିବା ଉଚିତ ହେବ \| |

| | | |
|---|---|---|
| 9. | Sanatan dharma is manav dharma. | ସନାତନ ଧର୍ମ ହେଉଛି ମାନବ ଧର୍ମ । |
| 10. | God is subtle life energy and nature is physical form of God. | ଭଗବାନ ଏକ ସୂକ୍ଷ୍ମ ଜୀବନ ଶକ୍ତି ଏବଂ ପ୍ରକୃତି ଭଗବାନଙ୍କର ପାର୍ଥିବ ରୂପ | |
| 11. | God is one. God resides in all living beings, moving or non-moving. | ଭଗବାନ ଏକ । ଭଗବାନ ଚଳ କିମ୍ବା ଅଚଳ ସମସ୍ତ ଜୀବଜଗତରେ ବାସ କରନ୍ତି | |
| 12. | Sanatanis do not worship many Gods. They worship one God in many forms. | ସନାତନୀମାନେ ଅନେକ ଈଶ୍ୱରଙ୍କୁ ପୂଜା କରନ୍ତି ନାହିଁ | ସେମାନେ ଏକ ଭଗବାନଙ୍କୁ ଭିନ୍ନ ଭିନ୍ନ ରୂପରେ ଉପାସନା କରନ୍ତି | |